# ବ୍ଲୁ ଷ୍ଟାର ଅପୋରେସନ ଓ ବ୍ରିଟିଶ ସରକାର ।

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

୧୯୮୪ ମସିହାର ବ୍ଲୁ ଷ୍ଟାର ଅପୋରେସନ ସ୍ୱାଧୀନ ଭାରତର ଇତିହାସରେ ଏକ ବିରାଟ ଦାଗ କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ । ଯେଉଁଠି ଶିଖ ମାନଙ୍କ ବିରୋଧରେ ହୋଇଥିବା ନିର୍ମମ ଉଗ୍ରବାଦକୁ ସମ୍ପୂର୍ଣ୍ଣ ଭାବରେ ଅଣଦେଖା କରାଯାଇଥିଲା । ସ୍ୱର୍ଣ୍ଣ ମନ୍ଦିରରୁ ଅନେକ ଅସ୍ତ୍ରଶସ୍ତ୍ର ଜବତ ହେବା ପରେ ସେମାନଙ୍କ ବିରୋଧରେ ପଦକ୍ଷେପ ନେବା ପରିବର୍ତ୍ତେ ଓଲଟା ଶିଖ ସମ୍ପ୍ରଦାୟ ଉପରେ ଆକ୍ରମଣ ଆରମ୍ଭ ହୋଇଯାଇଥିଲା ଏବଂ ୧୯୮୪ ର ନିର୍ବାଚନର ଠିକ ପୂର୍ବରୁ ସୈନ୍ୟ ବଳ ପ୍ରୟୋଗ କରି ଶିଖ ମାନଙ୍କୁ ରକ୍ଷା କରିବାର ସମସ୍ତ ଶ୍ରେୟ ନେବା ସରକାରଙ୍କ ଉଦ୍ଦେଶ୍ୟ ଥିଲା ।

ସରକାରଙ୍କ ଫାଇଲରେ ଭିନ୍ନ ତଥ୍ୟ ଉପସ୍ଥାପନା କରାଯାଇଥିଲେ ମଧ୍ୟ ମୁଁ କିଛି ଦିନ ପୂର୍ବେ ପି.ସି ଆଲେକ୍ଜାଣ୍ଡର, ଯେ କି ୧୯୮୪ ମେ-ଜୁନ ମାସରେ ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ ସଚୀବ ଥିଲେ ତାଙ୍କ ସ୍ମୃତି ସଭାର ଉଦ୍ଘାଟନ ଉତ୍ସବରେ ଯୋଗ ଦାନ କରି ନୂତନ ତଥ୍ୟ ସମ୍ବନ୍ଧରେ ଅବଗତ ହୋଇଥିଲି । ସେଥିରେ ପି.ସି.ଆଲେକ୍ଜାଣ୍ଡର ସନ୍ତ ଲୋନଙ୍ଗୱାଲଙ୍କ ମଧ୍ୟରେ ହୋଇଥିବା କଥୋପକଥନ ଏବଂ ଜେନେରାଲ ବୈଦ୍ୟଙ୍କୁ କିପରି ୧୯୮୪ ମେ ର ମିଲିଟାରୀ ଅପୋରେସନ ପାଇଁ ଡ଼କାଯାଇଥିଲା ସେ ସମ୍ପର୍କରେ ଉଲ୍ଲେଖ ହୋଇଅଛି । ତେବେ ଉକ୍ତ ଦେଶପ୍ରେମୀ ଶିଖ ସମ୍ପ୍ରଦାୟଙ୍କୁ ବଞ୍ଚାଇବା ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି ? ଆମେ ଉକ୍ତ ଘଟଣା ସମ୍ବନ୍ଧରେ ବିଭିନ୍ନ ପ୍ରକାରର ଦ୍ୱନ୍ଦ୍ୱାତ୍ମକ କଥା ଶୁଣିବାକୁ ପାଉଥିଲେ ମଧ୍ୟ ଘଟଣାର ୩୦ ବର୍ଷ ପରେ ବ୍ରିଟେନରୁ କିଛି ଡ଼କୁମେଣ୍ଟ ଉପଲବ୍ଧ ହୋଇଅଛି । ୬ ଫେବୃଆରୀ ୧୯୮୪ ରେ ମୁଖ୍ୟ ସଚୀବ ୧୦- ଡ଼ାଉନିଂ ଷ୍ଟ୍ରିଟରେ ଫରେନ ଓ କମନ ଓ୍ୱେଲ୍ଥ ଅଫିସର ବ୍ରିଆନ ଫଲଙ୍କ ସହ ଶିଖ ମାନଙ୍କୁ ସ୍ୱର୍ଣ୍ଣ ମନ୍ଦିରରୁ ହଟାଇବା ପାଇଁ ଏକ ଯୋଜନା କରିଥିଲେ ଓ ୨୩ ଫେବୃଆରୀରେ ଏକ ପତ୍ର ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଜଣାଇଥିଲେ । ପ୍ରଧାନ ମନ୍ତ୍ରୀ ମଧ୍ୟ ଉକ୍ତ ଯୋଜନା ଅନୁଯାୟୀ କାର୍ଯ୍ୟ କରିଥିଲେ । ତେବେ ବ୍ଲୁ ଷ୍ଟାର ଅପୋରେସନ କଅଣ ବାସ୍ତବରେ ବ୍ରିଟେନରେ ଯୋଜନା କରାଯାଇଥିଲା ? ବ୍ରିଟେନର ଆଦେଶରେ ବୈଦେଶିକ ସଚୀବ ଓ ପ୍ରଧାନମନ୍ତ୍ରୀ ଏକ ଚୁକ୍ତି କରିଥିଲେ ଓ ଉକ୍ତ ଚୁକ୍ତି ଅନୁଯାୟୀ ଜଣେ ଏସ.ଏ.ଡ଼ି ଅଫିସର ଦେଶକୁ ପରିଦର୍ଶନ କରିବାକୁ

ଆସି  ଏକ ଯୋଜନା କରିଥିଲେ । ଯାହାକୁ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ଅନୁମୋଦନ ଦେଇଥିଲେ । ଉକ୍ତ ତଥ୍ୟ ଅନୁଯାୟୀ ଭାରତୀୟ ସୈନ୍ୟଙ୍କୁ ମେ ମାସ ଶେଷରେ ଜଣାଯାଇଥିଲା । ଯେଉଁଥିପାଇଁ କୌଣସି ପ୍ରକାରର ରାଜନୈତିକ ପରାମର୍ଶ ମଧ୍ୟ ନିଆଯାଇ ନଥିଲା । ତେବେ ବ୍ରିଟିଶ ସରକାରଙ୍କ ବ୍ୟତୀତ ଅନ୍ୟ କୌଣସି ଦେଶ କଅଣ ଏଥିପାଇଁ ପରାମର୍ଶ ଦେଇଥିଲେ କି ? ଯଦି ଫେବୃଆରୀ ୧୯୮୪ ରୁ ବ୍ରିଟିଶ ସରକାରଙ୍କ ପାଖରୁ ଉକ୍ତ ପରାମର୍ଶ ଅଣାଯାଇଥିଲା, ତେବେ ଭାରତ ସରକାର ପ୍ରଥମ ସମୀକ୍ଷାରୁ ହିଁ ସମସ୍ୟାର ସମାଧାନ ତଥା ଉଗ୍ରବାଦ ଦମନ ନେଇ ଯତ୍ନଶୀଳ ନଥିଲେ କହିଲେ ମଧ୍ୟ ଭୁଲ ହେବନାହିଁ । ସେମାନେ ସ୍ୱର୍ଣ୍ଣ ମନ୍ଦିର ଭଳି ପବିତ୍ର ପୀଠର ଅବମାନନା କରିନାହାନ୍ତି ବରଂ ରାଷ୍ଟ୍ରର ସମ୍ମାନ ସାଥୀରେ ଶିଖ ମାନଙ୍କର ଆତ୍ମସମ୍ମାନକୁ ମଧ୍ୟ ଆଘାତ ଲଗାଇଛନ୍ତି ।

ଉକ୍ତ ଘଟଣା ସଙ୍କ୍ରାନ୍ତ ଅନେକ ନୂତନ ତଥ୍ୟ ମଧ୍ୟ ସମ୍ମାକୁ ଆସିବ ଓ ବ୍ଲୁ ଷ୍ଟାର ଅପୋରେସନର ବାସ୍ତବତାକୁ ଏ ଦେଶର ସମସ୍ତ ଜନତା ହୃଦୟଙ୍ଗମ କରିପାରିବେ ।